# ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟ ର ତ୍ରୟୋଦଶ ଜିଲ୍ଲାସ୍ତରୀୟ ଭିଜିଲାନ୍‌ସ ଓ ମନିଟରିଂ କମିଟି ବିବରଣୀ

******

**ସ୍ଥାନ - ଦଣ୍ଡକାରଣ୍ୟ ସମ୍ମିଳନୀ କକ୍ଷ ।**
**ତାରିଖ - ତା. ୧୩.୦୬.୨୦୧୨**

ବୈଠକ ପ୍ରାରମ୍ଭରେ ଶ୍ରୀଯୁକ୍ତ ସଚିନ ରାମଚନ୍ଦ୍ର ଯାଦବ୍ଵ, ଜିଲ୍ଲାପାଳ, କୋରାପୁଟ ମାନ୍ୟବର ଅଧ୍ୟକ୍ଷ ଓ ଉପସ୍ଥିତ ଥିବା ସମସ୍ତ ସଦସ୍ୟ / ସଦସ୍ୟା ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇ, ଅଧ୍ୟକ୍ଷଙ୍କୁ ବୈଠକ ପରିଚାଳନା କରିବା ନିମନ୍ତେ ଅନୁରୋଧ କରିଥିଲେ। ତତ୍‌ପରେ ମାନ୍ୟବର ସାଂସଦ, କୋରାପୁଟ (ଲୋକସଭା) ତଥା ଜିଲ୍ଲା ଭିଜିଲାନ୍‌ସ୍ ଓ ମନିଟରିଂ କମିଟିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଜୟରାମ ପାଙ୍ଗୀ ମହାଶୟ ସଦସ୍ୟ / ସଦସ୍ୟା ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଉକ୍ତ ସଭା କର୍ଯ୍ୟରେ ଉପସ୍ଥିତ ଥିବା ସମସ୍ତ ମାନ୍ୟବର ସଦସ୍ୟ / ସଦସ୍ୟାଙ୍କ ତାଲିକା ଏଥିସହ ପୃଥକ୍ ଭାବେ ପରିଶିଷ୍ଟ " କ " ରେ ସଂଲଗ୍ନ କରାଗଲା ।

ମାନ୍ୟବର ସାଂସଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସର୍ବପ୍ରଥମେ ସାଂସଦ ଶ୍ରୀ ଜୟରାମ ପାଙ୍ଗୀ ଏହି ବୈଠକର ମହନୀୟତା ଓ ଗୁରୁତ୍ୱ ସଂପର୍କରେ ଗୃହରେ ଆଲୋକପାତ କରିଥିଲେ। ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସବୁ କମିଟି ମାଧ୍ୟମରେ ତଦାରଖ କରିବା ପାଇଁ ସେ ସର୍ବୋପରି ଦୃଢୋକ୍ତି ପ୍ରକାଶ କିରଥିଲେ।

ଏହି ପରପ୍ରେକ୍ଷୀରେ ପ୍ରକଳ୍ପ ନିର୍ଦ୍ଦେଶକ ବିଗତ ବୈଠକର ବିବରଣୀ ର ଅନୁମୋଦନ ନିମନ୍ତେ କହିଥିଲେ। ପୁନଶ୍ଚ ସାଂସଦ ଚଳିତ ବର୍ଷ ବିଭିନ୍ନ ବିଭାଗକୁ ଆସିଥିବା ଅନୁଦାନ ରାଶିର ଖର୍ଚ୍ଚ ସଂପର୍କୀୟ ବିବରଣୀ ପଚାରିଥିଲେ।

**୧)** **ଆର୍ ଏଣ୍ଡ ବି**

ରାସ୍ତା ଓ କୋଠାବାଡି ବିଭାଗର ଅନୁଦାନ ରାଶି ଓ ଖର୍ଚ୍ଚ ସଂପର୍କୀୟ ବିବରଣୀ ସଂପର୍କରେ ଆଲୋକପାତ କରାଯାଇଥିଲା। ଏହି ସନ୍ଦର୍ଭରେ, ମାନ୍ୟବର ସାଂସଦ, କୋରାପୁଟ ଲକ୍ଷ୍ମୀପୁର୍ ରାସ୍ତା କାହିଁକି ଅଧାକାମ ହୋଇ ପଡିରହିଛି ବୋଲି ପ୍ରଶ୍ନ କରିଥିଲେ। ସେ ଉକ୍ତ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

୨) **ଗ୍ରାମ୍ୟ ଉନ୍ନୟନ ବିଭାଗ**

ଚଳିତ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଆସିଥିବା ଅନୁଦାନ ରାଶି ଓ ଖର୍ଚ୍ଚ ସଂପର୍କରେ ଆଲୋଚନା କରାଯାଇଥିଲା ।

୩) **ଗ୍ରାମ୍ୟ ଜଳ ଓ ପରିମଳ ଖଣ୍ଡ**

ବୈଠକ ଗ୍ରାମ୍ୟ ଜଳ ଓ ପରିମଳ ଖଣ୍ଡ ତରଫରୁ ଚଳିତ ଆର୍ଥିକ ବର୍ଷ ୧୨୩୩.୬୨ ଲକ୍ଷ ଅନୁଦାନ ରାଶି ପ୍ରାପ୍ତ ହୋଇଅଛି ଓ ସେଥି ମଧ୍ୟରୁ ୮୯୧.୯୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ନିର୍ବାହୀ ଯନ୍ତ୍ରୀ ଗୃହକୁ ଅବଗତ କରିଥିଲେ । ମାନ୍ୟବର ବିଧାୟକ, ଜୟପୁର ଚଳିତ ବର୍ଷ କେତୋଟି ନଳକୂପ ନିର୍ମାଣ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ । ପ୍ରତ୍ୟୁତ୍ତରରେ ନିର୍ବାହୀ ଯନ୍ତ୍ରୀ ୫୪୪ ଟି ମୋଟ ନଳକୂପ ମଧ୍ୟରୁ ୩୮୩ ଟି ନଳକୂପ ଜିଲ୍ଲାରେ ଖୋଦିତ କରାଯାଇଥିବା କହିଲେ । ଏହି ପରିପ୍ରେକ୍ଷୀରେ ମାନ୍ୟବର ବିଧାୟକ, ଜୟପୁର ଚଳିତ ଗ୍ରୀଷ୍ମ ଋତୁରେ ପାନୀୟ ଜଳର ଦେଖା ଦେଇଥିବା ଅଭାବ ଓ ଜନ ସାଧାରଣଙ୍କ ଅସୁବିଧା ସମ୍ପର୍କରେ ଗୃହର ଦୃଷ୍ଟି ଆରର୍ଷଣ କରିଥିଲେ । ମୁଖ୍ୟତଃ ବୋରିଗୁମ୍ମା ଅଞ୍ଚଳରେ ଦେଖା ଦେଇଥିବା ପାନୀୟ ଜଳର ଘୋର ଅଭାବ ସମ୍ପର୍କରେ ବିଧାୟକ ଆପତ୍ତି ଉଠାଇବା ସଙ୍ଗେ ସଙ୍ଗେ ସମ୍ପୃକ୍ତ ବିଭାଗ ତରଫରୁ ସେପରି କିଛି ପଦକ୍ଷେପ ନିଆ ଯାଇଥିବା ବିଷୟରେ ଦୃଢୋକ୍ତି ପ୍ରକାଶ କରିଥିଲେ ।

ନଳକୂପ ଖନନ ସମ୍ପର୍କରେ ଗଭୀରତା ନିମନ୍ତେ ଏକ ସ୍ୱତନ୍ତ୍ର ଯନ୍ତ୍ର ବ୍ୟବହାର କରିବା ପାଇଁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ ।

ପାନୀୟ ଜଳର ସୁବ୍ୟବସ୍ଥା ସ୍ୱରୂପ ପଟ୍ଟାଙ୍ଗୀ ବ୍ଲକରେ ଝରଣା ଜଳକୁ ପାନୀୟ ଉପଯୋଗୀ କରିବା ନିମନ୍ତେ ପଟ୍ଟାଙ୍ଗୀ ବିଧାୟକ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି କୋରାପୁଟ ବ୍ଲକର ପଦ୍ମପୁର ଗ୍ରାମ ପଞ୍ଚାୟତରେ ମଧ୍ୟ ଉତ୍କଟ ପାନୀୟ ଜଳର ଅଭାବ ହେତୁ ଉକ୍ତ ସମସ୍ୟାର ଦୂରୀକରଣ ନିମନ୍ତେ ମାନ୍ୟବର ବିଧାୟକ, କୋରାପୁଟ ବୈଠକରେ କହିଥିଲେ ।

୪) **ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଚଳିତ ବର୍ଷ ତା. ୦୪.୦୬.୨୦୧୨ ରିଖ ସୁଦ୍ଧା ୫୫୫.୫୬ ଲକ୍ଷ ଟଙ୍କା କୋରାପୁଟ ଜିଲ୍ଲାକୁ ଆସିଛି ଏବଂ ୩୪୮.୮୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ପ୍ରକଳ୍ପ ନିର୍ଦ୍ଦେଶକ, ବୈଠକରେ ସୂଚନା ଦେଇଥିଲେ ।

## ୫) ଇନ୍ଦିରା ଆବାସ ଯୋଜନା

ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଚଳିତ ବର୍ଷ ୩୮୮୪ ଟି ହିତାଧିକାରୀ ଚୟନ କରାଯାଇଛି ଏବଂ ଗୃହ ନିର୍ମାଣ ସକାଶେ ଉଦ୍ଧିଷ୍ଟ ଅର୍ଥରାଶି ପ୍ରଦାନ କରାଯାଇଅଛି ।

## ୬) ରେଡ୍ ରିବନ୍ ଏକ୍ସପ୍ରେସ୍

ବୈଠକରେ ଚଳିତ ମାସ ୨୦ ଓ ୨୧ ତାରିଖରେ ଆସୁଥିବା ରେଡ ରିବନ୍ ଏକ୍ସପ୍ରେସ୍ ର ବିଶେଷତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଏ.ଡି.ଏମ୍.ଓ ଡ଼ଃ. କାଳି ପ୍ରସାଦ ବେହେରା ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ଏହି ପରିପ୍ରେକ୍ଷୀରେ ସେ ସ୍ୱୟଂ ସହାୟକ ଗୋଷ୍ଠି ଓ PRI ସଭ୍ୟ ମାନଙ୍କୁ ସମ୍ପୂର୍ଣ୍ଣ ଭାବେ ସଚେତନ କରିବା ସଙ୍ଗେ ସଙ୍ଗେ ବିପୁଳ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଜନ ସାଧାରଣଙ୍କୁ ଉତ୍ସାହିତ ସକାଶେ ବୈଠକରେ ପ୍ରବର୍ତ୍ତାଇ ଥିଲେ ।

ଏହାଛଡା ସମସ୍ତ PRI ସଭ୍ୟ ବ୍ୟତିତ ଜିଲ୍ଲାର ପ୍ରତି GKS ରୁ ୫ ଜଣ ଲେଖାଏଁ ସଭ୍ୟ ଯୋଗଦାନ କରିବେ ବୋଲି ପୁନଶ୍ଚ ସୂଚନା ଦେଇଥିଲେ ।

ଏଡସ୍ ଭଳି ମାରାତ୍ମକ ରୋଗ ଦାଉରୁ ରକ୍ଷା ପାଇବା ପାଇଁ କେବଳ ସଚେତନ କରିବା ସଙ୍ଗେ ସଙ୍ଗେ GKS (ଓଡିଆ)ର ଅର୍ଥରାଶିର ସୁବିନିଯୋଗ ନିମନ୍ତେ ସଭ୍ୟମାନେ ଗୁରୁତ୍ୱାରୋପ କରିଥିଲେ ।

ତେଣୁ ଆସନ୍ତା ଦିନରେ MGNREGA ଓ NRHM ଭଳି ଜାତୀୟ ସ୍ତରର ଯୋଜନାର ସଫଳ ରୁପାୟନ କରିବା ସଙ୍ଗେ ସଙ୍ଗେ କୋରାପୁଟ ଭଳି ଆଦିବାସୀ ବହୁଳ ଅନୁନ୍ନତ ଅଞ୍ଚଳର ସାମୁହିକ ବିକାଶ ପାଇଁ ସାମଗ୍ରିକ ପ୍ରଚେଷ୍ଟା କରିବା ନିମନ୍ତେ ମଧ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଆହ୍ୱାନ କରିଥିଲେ ।

## ୭) ମମତା

ଶେଷରେ ଜିଲ୍ଲାରେ ଅଦ୍ୟାବଧି ଚାଲିଥିବା ମମତା ଯୋଜନା ମାଧ୍ୟମ ରେ ଜନସାଧାରଣଙ୍କୁ ସୁଫଳ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ବିଭିନ୍ନ ଯୋଜନାର ସଫଳ ରୂପାୟନ ନିମନ୍ତେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ହିତାଧିକାରୀଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି ବୋଲି ବୈଠକରେ ଦୃଢ ଭାବେ ସ୍ୱୀକାର କରିଥିଲେ ।

ଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀ ମାନଙ୍କୁ ବିନିଯୋଗ ପ୍ରମାଣପତ୍ର ଠିକଣା ସମୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ପରିଶିଷ୍ଟ-"କ"

### ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟର ତ୍ରୟୋଦଶ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟିରେ ଉପସ୍ଥିତ ଥିବା ସଭ୍ୟ / ସଭ୍ୟା ମାନଙ୍କ ତାଲିକା ।

**ସ୍ଥାନ - ଦଣ୍ଡକାରଣ୍ୟ ସମ୍ମିଳନୀ କକ୍ଷ** **ତା. ୧୩.୦୬.୨୦୧୨**

| କ୍ର.ନଂ. | ସଦସ୍ୟଙ୍କ ନାମ | ପଦବୀ |
|---|---|---|
| ୧. | ଶ୍ରୀଯୁକ୍ତ ଜୟରାମ ପାଙ୍ଗୀ | ଲୋକସଭା ସଦସ୍ୟ, କୋରାପୁଟ ଓ ଅଧ୍ୟକ୍ଷ |
| ୨. | ଶ୍ରୀଯୁକ୍ତ ପ୍ରଦୀପ କୁମାର ମାଝି | ଲୋକସଭା ସାଂସଦ, ନବରଙ୍ଗପୁର ଓ ଉପାଧ୍ୟକ୍ଷଙ୍କ ପ୍ରତିନିଧି |
| ୩. | ଶ୍ରୀଯୁକ୍ତ ସଚିନ୍ ରାମଚନ୍ଦ୍ର ଯାଦବ୍ | ଜିଲ୍ଲାପାଳ, କୋରାପୁଟ |
| ୪. | ଶ୍ରୀମତୀ ମାଳତୀ ମାଝୀ | ଅଧ୍ୟକ୍ଷ, ଜିଲ୍ଲା ପରିଷଦ, କୋରାପୁଟ |
| ୫. | ଶ୍ରୀଯୁକ୍ତ ରବି ନାରାୟଣ ନନ୍ଦ | ବିଧାୟକ, ଜୟପୁର |
| ୬. | ଶ୍ରୀଯୁକ୍ତ ରଘୁରାମ ପଡାଲ | ବିଧାୟକ, କୋରାପୁଟ |
| ୭. | ଶ୍ରୀଯୁକ୍ତ ରାମଚନ୍ଦ୍ର କାଡ଼ାମ | ବିଧାୟକ, ପଟ୍ଟାଙ୍ଗୀ |
| ୮. | ଶ୍ରୀଯୁକ୍ତ ବାସୁଦେବ ମାଝି | ବିଧାୟକ, କୋଟପାଡ |
| ୯. | ଶ୍ରୀଯୁକ୍ତ ଝିନ୍ନ ହିକ୍କା | ବିଧାୟକ, ଲକ୍ଷ୍ମୀପୁର |
| ୧୦. | ଶ୍ରୀଯୁକ୍ତ ଚୂଡାମଣି ସେଠ୍ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟ |
| ୧୧. | ଶ୍ରୀଯୁକ୍ତ ଗୁପ୍ତ ପ୍ରସାଦ ଦାଶ | ସଦସ୍ୟ |
| ୧୨. | ଶ୍ରୀଯୁକ୍ତ ଶିବ ଶଙ୍କର ଖେମୁଣ୍ଡୁ | ସଦସ୍ୟ |
| ୧୩. | ଶ୍ରୀଯୁକ୍ତ ଗୋପିନାଥ ନାୟକ | ସଦସ୍ୟ |
| ୧୪. | ଶ୍ରୀଯୁକ୍ତ ଏଲ୍. କେ. ମିଶ୍ର | ଜିଲ୍ଲା ଜଙ୍ଗଲ ଅଧିକାରୀ, ଜୟପୁର |
| ୧୫. | ଶ୍ରୀଯୁକ୍ତ ଏ. ପେରିୟାସ୍ୱାମୀ | ଜିଲ୍ଲା ଜଙ୍ଗଲ ଅଧିକାରୀ, କୋରାପୁଟ |
| ୧୬. | ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ | ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ଛାୟା ପ୍ରକଳ୍ପ, କୋରାପୁଟ |
| ୧୭. | ଶ୍ରୀମତୀ ସନ୍ତୋଷୀ ରନ୍ଧାରୀ | ଅଧ୍ୟକ୍ଷା, କୋଟପାଡ ପଞ୍ଚାୟତ ସମିତି |
| ୧୮. | ଶ୍ରୀମତୀ କନକ ମଞ୍ଜରି ନାୟକ | ଅଧ୍ୟକ୍ଷା, ଜୟପୁର ପଞ୍ଚାୟତ ସମିତି |
| ୧୯. | ଶ୍ରୀମତୀ ସମାରି ଭତ୍ରା | ଅଧ୍ୟକ୍ଷା, କୁନ୍ଦୁରା ପଞ୍ଚାୟତ ସମିତି |
| ୨୦. | ଶ୍ରୀମତୀ ଲକ୍ଷ୍ମୀ ହନ୍ତାଳ | ଅଧ୍ୟକ୍ଷା, ନନ୍ଦପୁର ପଞ୍ଚାୟତ ସମିତି |
| ୨୧. | ଶ୍ରୀମତୀ ରମା କୁମାରି ସିଙ୍ଗ୍ | ଅଧ୍ୟକ୍ଷା, କୋରାପୁଟ ପଞ୍ଚାୟତ ସମିତି |
| ୨୨. | ଶ୍ରୀମତୀ ପଦ୍ମିନି ସାଉନ୍ତା | ଅଧ୍ୟକ୍ଷା, ଦଶମନ୍ତପୁର ପଞ୍ଚାୟତ ସମିତି |
| ୨୩. | ଶ୍ରୀମତୀ ଲକ୍ଷ୍ମୀ ବଡନାୟକ | ଅଧ୍ୟକ୍ଷା, ସେମିଳିଗୁଡା ପଞ୍ଚାୟତ ସମିତି |
| ୨୪. | ଶ୍ରୀମତୀ ପିଡିକା ଆମ୍ବ୍ରେ | ଅଧ୍ୟକ୍ଷା, ବନ୍ଧୁଗାଁ ପଞ୍ଚାୟତ ସମିତି |
| ୨୫. | ଶ୍ରୀମତୀ ସାବିତ୍ରି ଜାନି | ଅଧ୍ୟକ୍ଷା, ବୋରିଗୁମ୍ମା ପଞ୍ଚାୟତ ସମିତି |
| ୨୬. | ଶ୍ରୀମତୀ ସାନ୍ତିଲତା କୁଲେଶିକା | ଅଧ୍ୟକ୍ଷା, ଲକ୍ଷ୍ମୀପୁର ପଞ୍ଚାୟତ ସମିତି |
| ୨୭. | ଶ୍ରୀମତୀ ବିମଳା ପାଙ୍ଗି | ଅଧ୍ୟକ୍ଷା, ପଟ୍ଟାଙ୍ଗୀ ପଞ୍ଚାୟତ ସମିତି |

ପରିଶେଷରେ ଜିଲ୍ଲାପାଳ ମହୋଦୟ ମାନ୍ୟବର ଅଧ୍ୟକ୍ଷ ସଭ୍ୟ / ସଭ୍ୟା ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

ଅଧ୍ୟକ୍ଷ,
ଭିଜିଲାନ୍ସ ଓ ମନିଟରିଂ କମିଟି,
କୋରାପୁଟ

ଜ୍ଞାପକ ସଂଖ୍ୟା .3822/୨୦୧୨ ତାରିଖ: 26.07.2012

ଏହାର ଏକକିତା ନକଲ ଅତିରିକ୍ତ ଶାସନ ସଚିବ, ପଞ୍ଚାୟତି ରାଜ ବିଭାଗ, ଓଡିଶା ଭୂବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପ୍ରକଳ୍ପ ନିର୍ଦ୍ଦେଶକ,
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,
କୋରାପୁଟ

ଜ୍ଞାପକ ସଂଖ୍ୟା ..3823./୨୦୧୨ ତାରିଖ: 26.07.2012

ଏହାର ଏକକିତା ନକଲ ଜିଲ୍ଲା ଭିଜିଲାନ୍ସ ଓ ମନିଟରିଂ କମିଟିର ମାନ୍ୟବର ସମସ୍ତ ସଭ୍ୟଙ୍କ ଗୋଚରାର୍ଥେ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଓ ଅନୁରୋଧ କରାଗଲା ଯେ, ଯଦି ଏହାର କୌଣସି ଆପତ୍ତି ବା ଅଭିଯୋଗ ଥାଏ, ତାହାହେଲେ ଯଥାଶିଘ୍ର ଉକ୍ତ କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

ଏହାର ଏକକିତା ନକଲ ବ୍ୟକ୍ତିଗତ ସହାୟକ, ଜିଲ୍ଲାପାଳ, କୋରାପୁଟ / ସଭାପତି, ଜିଲ୍ଲା ପରିଷଦ, କୋରାପୁଟଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ।

ପ୍ରକଳ୍ପ ନିର୍ଦ୍ଦେଶକ,
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,
କୋରାପୁଟ

ଜ୍ଞାପକ ସଂଖ୍ୟା ..3824./୨୦୧୦ ତାରିଖ: 26.07.2012

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ, କୃଷି ଭବନ, ନୂଆ ଦିଲ୍ଲୀ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ପ୍ରକଳ୍ପ ନିର୍ଦ୍ଦେଶକ,
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,
କୋରାପୁଟ

| | | |
|---|---|---|
| ୨୮. | ଶ୍ରୀଯୁକ୍ତ ରଘୁନାଥ ପୂଜାରୀ | ଅଧ୍ୟକ୍ଷ, ବୈପାରିଗୁଡା ପଞ୍ଚାୟତ ସମିତି |
| ୨୯. | ଶ୍ରୀଯୁକ୍ତ ସୋମନାଥ ମୁଦୁଲି | ଅଧ୍ୟକ୍ଷ, ଲମତାପୁଟ ପଞ୍ଚାୟତ ସମିତି |
| ୩୦. | ଶ୍ରୀଯୁକ୍ତ ଘନଶ୍ୟାମ ସେନାପତି | ଉପ ନିର୍ଦ୍ଦେଶକ, କଫି ଉନ୍ନୟନ, କୋରାପୁଟ |
| ୩୧. | ଡ଼ଃ. ପି. କେ. ମହାନ୍ତି | ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, କୋରାପୁଟ |
| ୩୨. | ଶ୍ରୀଯୁକ୍ତ କେ. ବିସ୍ୱାଶ | ଉପ ନିର୍ଦ୍ଦେଶକ, କୃଷି ବିଭାଗ, ଜୟପୁର |
| ୩୩. | ଶ୍ରୀଯୁକ୍ତ ଅଶୋକ କୁମାର ପାତ୍ର | ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୋରାପୁଟ |
| ୩୪. | ଶ୍ରୀଯୁକ୍ତ ସଞ୍ଜୟ କୁମାର ନନ୍ଦ | ଉପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ତଦାରଖ ବିଭାଗ, କୋରାପୁଟ |
| ୩୫. | ଇଂ. ଗୋବିନ୍ଦ ଚନ୍ଦ୍ର ଦାଶ | ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ, ଜୟପୁର |
| ୩୬. | ଇଂ. ଏମ୍.ପି. | ସହାୟକ ନିର୍ବାହୀ ଯନ୍ତ୍ରୀ, |
| ୩୭. | ଇଂ. ଏମ୍.ଆର୍. ମାଳି | ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, କୋରାପୁଟ |
| ୩୮. | ଇଂ. ବିମଳ ଦାଶ | ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଜୟପୁର |
| ୩୯. | ଇଂ. ପି.କେ. ପଣ୍ଡା | ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, କୋରାପୁଟ |
| ୪୦. | ଇଂ. ଜଗନ୍ନାଥ ମୋହିନି | ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ, କୋରାପୁଟ |
| ୪୧. | ଇଂ. ଏମ୍. ଏମ୍. ଆଚାରୀ | ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜୟପୁର |
| ୪୨. | ଶ୍ରୀଯୁକ୍ତ ବି. ମହାରଣା | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧି, କୋରାପୁଟ |
| ୪୩. | ଇଂ. ରଘୁନାଥ ମିଶ୍ର | ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗଙ୍କ ପ୍ରତିନିଧି, ରାୟଗଡା |

***************